# ସମନ୍ବିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ,ପୁରୀ ମ୍ୟୁନିସିପାଲିଟି,ପୁରୀ

## ସ୍ବେଚ୍ଛାସେବୀ ଅଙ୍ଗନବାଡି ସହାୟିକା ଚୟନ ନିମନ୍ତେ

ବିଜ୍ଞାପନ ସଂଖ୍ୟା ୧୦୨୧ ତାରିଖ ୧୮.୧୦.୨୫

ଏତଦ୍ବାରା ନିମ୍ନ ଲିଖିତ ଶିଶୁ ବିକାଶ ସେବା ପ୍ରକଳ୍ପ, ପୁରୀ ପୌରାଞ୍ଚଳ ଅନ୍ତର୍ଗତ ଗୋଖାସାହି ଅଙ୍ଗନବାଡି କେନ୍ଦ୍ର ଅଂଚଳର ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଏହି ଅଙ୍ଗନବାଡି କେନ୍ଦ୍ର ରେ ଖାଲି ଥିବା ଅଙ୍ଗନବାଡି ସହାୟିକା ପଦବୀ ପୂରଣ ନିମନ୍ତେ ଇଚ୍ଛୁକ ଯୋଗ୍ୟ ମହିଳା ପ୍ରାର୍ଥୀନୀ ଙ୍କଠାରୁ ନିର୍ଦ୍ଧାରିତ ଫର୍ମ ରେ ଦରଖାସ୍ତ ଆହ୍ବାନ କରାଯାଉଅଛି ।

ପ୍ରାର୍ଥୀନୀ ମାନଙ୍କ ପାଇଁ ଆବଶ୍ୟକ ଯୋଗ୍ୟତା ଓ ପ୍ରମାଣପତ୍ର :-

୧. ପ୍ରାର୍ଥୀନୀ ନିଶ୍ଚିତ ଭାବରେ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ର ସମ୍ପୃକ୍ତ ରାଜସ୍ବ ଗ୍ରାମ ର ସ୍ଥାଇ ବାସିନ୍ଦା ହୋଇଥିବେ ଏବଂ ତତ ସମ୍ବନ୍ଧୀୟ ପ୍ରମାଣ ପତ୍ର ଆଇନ ଅନୁମୋଦିତ ସମୟ ସୀମା ମଧ୍ୟରେ ତହସିଲଦାର,ପୁରୀ ଙ୍କ ଠାରୁ ହାସଲ କରିଥିବେ ।

୨. ପ୍ରାର୍ଥୀନୀ ଙ୍କ ଶିକ୍ଷାଗତ ଯୋଗ୍ୟତା +୨ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ

୩. ପ୍ରାର୍ଥୀନୀ ଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ

୪. ବିଧବା ସ୍ବାମୀ ପରିତ୍ୟକ୍ତା ନିରାଶ୍ରୟା କିମ୍ବା ଅନାଥ ହୋଇଥିଲେ ସେ ସମ୍ବନ୍ଧୀୟ ପ୍ରମାଣ ପତ୍ର ଦାଖଲ କଲେ ପ୍ରାର୍ଥୀନୀ ଙ୍କୁ ଅଗ୍ରାଧିକାର ଦିଆଯାଇପାରେ

୫. ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନବାଡି କର୍ମୀ ଙ୍କ ଦ୍ବାରା ଗ୍ରହଣୀୟ ହୋଇଥିବେ

୬. ପ୍ରାର୍ଥୀନୀ ହରିଜନ କିମ୍ବା ଆଦିବାସୀ ହୋଇଥିଲେ ସମ୍ପୃକ୍ତ ତହସିଲଦାର ଙ୍କ ଠାରୁ ପ୍ରାପ୍ତ ଜାତିଗତ ପ୍ରମାଣପତ୍ର ର ନକଲ ଦାଖଲ କରିବେ

**ପ୍ରାର୍ଥୀନୀ ନିମ୍ନ ଲିଖିତ ସର୍ତ୍ତାବଳୀ ସହ ଆବେଦନ କରିପାରିବେ :-**

ସ୍ଥାଇ ବାସିନ୍ଦା ପ୍ରମାଣ ପତ୍ର ,ଜାତିଗତ ପ୍ରମାଣ ପତ୍ର ,ବୟସ ପ୍ରମାଣ ପତ୍ର ,ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ତଥା ବିଧବା ସ୍ବାମୀ ପରିତ୍ୟକ୍ତା ନିରାଶ୍ରୟା କିମ୍ବା ଅନାଥ ର ପ୍ରମାଣ ପତ୍ର (ଯଦି ଥାଏ ) ସଂଲଗ୍ନ କରି **ANGANWADI ENGAGEMENT PORTAL ,ODISHA** ରେ **ONLINE** ମାଧ୍ୟମରେ ୦୨.୧୧.୨୦୨୫ ତାରିଖ ସନ୍ଧ୍ୟା ୫.୩୦ ସୁଦ୍ଧା ଆବେଦନ କରିବେ ଆବେଦନ କରିଥିବା ପ୍ରାର୍ଥୀନୀ ମାନେ ଦାଖଲ କରିଥିବା ପ୍ରମାଣପତ୍ର ର ଯାଞ୍ଚ ନିମ୍ନ ସ୍ବାକ୍ଷର କାରିଣୀ ଙ୍କ କାର୍ଯ୍ୟାଳୟ ରେ ତା ୦୩.୧୧.୨୦୨୫ ରିଖ ପ୍ରାତଃ ୧୧.୩୦ ରେ ଉପସ୍ଥିତ ରହି କରାଇବେ ତୃଟିପୂର୍ଣ୍ଣ ଓ ବିଳମ୍ବରେ ଦାଖଲ ହୋଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ଯାଞ୍ଚ ସମୟରେ ଅନୁପସ୍ଥିତ ପ୍ରାର୍ଥୀନୀ ଙ୍କ ଦରଖାସ୍ତ ନାକଚ କରାଯିବ ନିମ୍ନ ସ୍ବାକ୍ଷର କାରିଣୀ ଙ୍କ କାର୍ଯ୍ୟାଳୟ ରେ ଅଙ୍ଗନବାଡି ସହାୟିକା ଚୟନ କମିଟି ଦ୍ବାରା ସହାୟିକା ମନୋନୟନ କରାଯିବ

**ଅଙ୍ଗନବାଡି କେନ୍ଦ୍ର ପରିସର ଭୁକ୍ତ ଅଂଚଳ :-**

| Sl.No. | AWC | AWC Area |
|---|---|---|
| 1 | Gokhasahi | Markanda pokhar i- Gokhasahi Chhak - premkunjakunja ashram |

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ,ପୁରୀ ପୌରାଞ୍ଚଳ

ପରିପତ୍ର ସଂଖ୍ୟା ୧୦୨୨ ତାରିଖ ୧୮.୧୦.୨୫

ଏହାର ଏକକିତା ନକଲ ସମନ୍ବିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ,ପୁରୀ ମ୍ୟୁନିସିପାଲିଟି,ପୁରୀ ର ବିଜ୍ଞାପନ ଫଳକ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରାଗଲା ଏହାର ଏକକିତା ନକଲ ମଣ୍ଡଳ ପରିଦର୍ଶିକା ଦକ୍ଷିଣ ମଣ୍ଡଳ/ସମ୍ପୃକ୍ତ ଅଙ୍ଗନବାଡି କର୍ମୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ କେନ୍ଦ୍ର ର ବିଜ୍ଞାପନ ଫଳକ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବା ପାଇଁ ଜଣାଇଦିଆଗଲା

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ,ପୁରୀ ପୌରାଞ୍ଚଳ

ପରିପତ୍ର ସଂଖ୍ୟା ୧୦୨୩ ତାରିଖ ୧୮.୧୦.୨୫

ଏହାର ଏକକିତା ନକଲ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ,ପୁରୀ /ସ୍ବାସ୍ଥ୍ୟ ଓ ଚିକିତ୍ସାଧିକାରୀ, ପୁରୀ ପୌରାଞ୍ଚଳ,ପୁରୀ ଙ୍କ ବିହିତ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ ଏହି ବିଜ୍ଞାପନ କୁ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ରେ ଜାରି କରିବା ପାଇଁ ଅନୁରୋଧ କରାଗଲା ଏଥିସହ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରାଞ୍ଚଳ ର ମହିଳା ସ୍ବାସ୍ଥ୍ୟ କର୍ମୀଙ୍କୁ ଦରଖାସ୍ତ ଯାଞ୍ଚ ଓ ମନୋନୟନ ସଭା ରେ ଉପସ୍ଥିତ ରହିବା ର ଅନୁମତି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ,ପୁରୀ ଙ୍କୁ ଅନୁରୋଧ କରାଗଲା

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ,ପୁରୀ ପୌରାଞ୍ଚଳ

ପରିପତ୍ର ସଂଖ୍ୟା ୧୦୨୮ ତାରିଖ ୧୮.୧୦.୨୫

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ପୁରୀ /ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଙ୍କ ସଦୟ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ,ପୁରୀ ପୌରାଞ୍ଚଳ